


ଜିଲା ରେଡ୍‌କ୍ରସ୍ ଶାଖା ସାଧାରଣ ବୈଠକ

# ପୂରଣ ହେଲାନି ପାଣ୍ଠି ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ

**ଢେଙ୍କାନାଳ ଅଫିସ, ୧୫।୧**

ରେଡ୍‌କ୍ରସ୍ ପାଣ୍ଠି ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁ ପଛରେ ଢେଙ୍କାନାଳ ଜିଲା। ଗତ ୩ ବର୍ଷ ମଧ୍ୟରେ ସଂଗୃହୀତ ହୋଇଥିବା ପାଣ୍ଠି ଧାର୍ଯ୍ୟ ପରିମାଣଠାରୁ ୫୬% କମ୍। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ରେଡ୍‌କ୍ରସ୍ ଶାଖା ସାଧାରଣ ଏବଂ କାର୍ଯ୍ୟ ନିର୍ବାହୀ ପରିଷଦର ବୈଠକରେ ଏହି ସୂଚନା ଦିଆଯାଇଛି। ପାଣ୍ଠି ସଂଗ୍ରହ ଆଶାନୁରୂପକ ହୋଇ ନ ଥିବାରୁ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଉଦ୍‌ବେଗ ବ୍ୟକ୍ତ କରିବାସହ ଆଗାମୀ ଦିନରେ ଏହାକୁ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୬-୧୭ ଆର୍ଥିକ ବର୍ଷରେ ଢେଙ୍କାନାଳ ଉପଜିଲାପାଳ ୭ଲକ୍ଷ ୪୬ହଜାର ୬୪୦ଟଙ୍କା, ଆଞ୍ଚଳିକ ପରିବହନ ଅଧିକାରୀ ୬ଲକ୍ଷ ୪୨ହଜାର ୧୫୦ଟଙ୍କା ଏବଂ ଡେପୁଟି କଲେକ୍ଟର (ଜୁଡିସିଆଲ) ୪ଲକ୍ଷ ୫୭ହଜାର ୯୦୦ଟଙ୍କା ଆଦାୟ କରି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିଲେ। ଏହିକ୍ରମରେ ୨୦୧୭-୧୮ ବର୍ଷରେ ଡେପୁଟି କଲେକ୍ଟର (ଜୁଡିସିଆଲ) ୬ଲକ୍ଷ ୮୩ହଜାର ୬୦୦ଟଙ୍କା, ଉପଜିଲାପାଳ ୬ଲକ୍ଷ ୧ହଜାର ୬୧୦ଟଙ୍କା ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ୫ଲକ୍ଷ ୬୮ହଜାର ଟଙ୍କା ଆଦାୟ କରି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି, ଯାହା ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୪୪%।



ଜିଲା ରେଡ୍‌କ୍ରସ୍ ଶାଖାର ସାଧାରଣ ବୈଠକ।

- ୩ ବର୍ଷରେ ପାଣ୍ଠି ଆଦାୟ ୫୬% କମ୍
- କିଣାଯିବ ୨ ବାଇକ୍ ଆମ୍ବୁଲାନ୍ସ

ଜିଲାରେ ୨,୦୩୧ ଜଣ ଆଜୀବନ ରେଡ୍‌କ୍ରସ୍ ସଭ୍ୟ ଅଛନ୍ତି। ଜିଲାପାଳଙ୍କ ହାତରେ ଇଚ୍ଛାଧୀନ ରେଡ୍‌କ୍ରସ ପାଣ୍ଠି ବାବଦକୁ ୧୦ଲକ୍ଷ ଟଙ୍କା ରହିଛି। ପାଣ୍ଠି ବାବଦକୁ ବ୍ୟକ୍ତିଗତ ୫୦୦ଟଙ୍କା ରହିଥିବାବେଳେ ଏହାକୁ ବୃଦ୍ଧି କରିବା ସହ ଆଜୀବନ ସଭ୍ୟ ଗ୍ରହଣ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅବକାରୀ ଅଧୀକ୍ଷକ ଓ ଜିଲା ସବ୍‌ରେଜିଷ୍ଟ୍ରାରଙ୍କ ସମେତ ଅନ୍ୟ ସବ୍‌ରେଜିଷ୍ଟ୍ରାରମାନେ ଅଧିକ ଆୟ ସଂଗ୍ରହ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ଅଧିକ ପାଣ୍ଠି ଦେଇଥିବା ସଂସ୍ଥାକୁ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ହୋଇଛି। ସିଡିଏମ୍‌ଓଙ୍କ ପକ୍ଷରୁ ୨୦୧୮-୧୯ ବର୍ଷରେ ରେଡ୍‌କ୍ରସ୍ ବ୍ଲଡ ବ୍ୟାଙ୍କ ପାଇଁ ୬୨ଟି ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ୨୦୧୭-୧୮ରେ ୧୨ଲକ୍ଷ ୪୦ହଜାର ୪୧୪ ଟଙ୍କାର ଜନଔଷଧୀ କାରବାର ହୋଇଥିବାବେଳେ ଡିସେମ୍ବର ୨୦୧୯ ସୁଦ୍ଧା ଏହା ୧୨ଲକ୍ଷ ୯୪ହଜାର ୯୮୩ ଟଙ୍କା ଛୁଇଁଛି। ରେଡ୍‌କ୍ରସ ମହାପ୍ରୟାଣ ଗାଡ଼ିରେ ୨୦୧୮-୧୯ ବର୍ଷରେ ମୃତଦେହ ପରିବହନ ବାବଦକୁ ୧ଲକ୍ଷ ୮୪ହଜାର ୬୫ଟଙ୍କା ସଂଗ୍ରହ ହୋଇଥିବା ସୂଚନା ଦିଆଯାଇଛି। ରେଡ୍‌କ୍ରସ ସହାୟତାରେ ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ୨ଟି ବାଇକ୍ ଆମ୍ବୁଲାନ୍ସ କିଣିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, ଭବେଶ ନାୟକ, ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀ, ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର ହୋତା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ରେଡ୍‌କ୍ରସ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ସମେତ ସମସ୍ତ ତହସିଲଦାର, ବିଡିଓ, ପୌରସଂସ୍ଥା, ଏନ୍‌ଏସିର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରତି ୩ ମାସରେ କାର୍ଯ୍ୟନିର୍ବାହୀ ବୈଠକ

ରେଡ୍‌କ୍ରସ୍ ପରିଚାଳନା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାକୁ ପ୍ରତି ୩ ମାସରେ କାର୍ଯ୍ୟନିର୍ବାହୀ ବୈଠକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଏଥିସହ ରେଡ୍‌କ୍ରସ୍‌କୁ କ୍ରିୟାଶୀଳ କରାଇବାକୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଜନଔଷଧୀ ଷ୍ଟୋର ଫାର୍ମାସିଷ୍ଟଙ୍କ ବେତନ ବୃଦ୍ଧି, ରେଡ୍‌କ୍ରସ୍ ପକ୍ଷରୁ ପ୍ରଦତ୍ତ ସମସ୍ତ ସାମଗ୍ରୀ ଉପରେ ରେଡ୍‌କ୍ରସ ଲୋଗୋ ଥିବା ଷ୍ଟିକରିଂ, ମଧ୍ୟରାତ୍ରି କାର୍ଯ୍ୟକ୍ରମରେ ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନରେ ରୋଟାରି କ୍ଲବ ସହାୟତାରେ କମ୍ବଳ ବଣ୍ଟନ, ଗଁଦିଆ, କଙ୍କଡ଼ାହାଡ଼ ଏବଂ ହିନ୍ଦୋଳ ବ୍ଲକରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଆସନ୍ତା ସାଧାରଣତନ୍ତ୍ର ଦିବସରେ ରେଡ୍‌କ୍ରସ୍ ଭବନର ଉପର ମହଲା ଉଦ୍‌ଘାଟନ ଆଦି ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି।

୧୯ରୁ କାରୁବାକୀ ମହୋତ୍ସବ

# ତାମିଲ ବାଦ୍ୟମାଳା ମୁଖ୍ୟ ଆକର୍ଷଣ


ବୈଠକରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୧୫।୧**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ 'ଶତରୂପା' ପକ୍ଷରୁ ରାଜ୍ୟସ୍ତରୀୟ କାରୁବାକୀ ମହୋତ୍ସବ-୨୦୧୯ ଜାନୁୟାରୀ ୧୯ରୁ ଦୁଇଦିନ ଧରି ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିଲାଗି ଅନୁଷ୍ଠାନର ସଭାପତି ତଥା ନାଟ୍ୟକାର ବିପିନ ବିହାରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମହୋତ୍ସବରେ ମୁଖ୍ୟ ଆକର୍ଷଣ ସାଜିବ ତାମିଲ ବାଦ୍ୟମାଳା। ସେହିପରି ରାଜ୍ୟ ସମେତ ଜିଲାର ଖ୍ୟାତନାମା କଳାକାରଙ୍କ ଦ୍ୱାରା ଓଡ଼ିଶୀ ଯୁଗଳବନ୍ଦୀ, ଦଳଗତ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଭଏସ୍ ଅଫ୍ ଓଡ଼ିଶା, ଲିଟିଲ୍ ଚାମ୍ପ ସୋ' ଆୟୋଜିତ ହେବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଗୁରୁ ଖାରବେଳ ପଟ୍ଟନାୟକ, ମୁଖ୍ୟ ସଂଯୋଜକ ଚନ୍ଦନ କୁମାର ନାୟକ, ସହ ସଂଯୋଜିକା ମନୀଷା ଭରଦ୍ୱାଜ, ସମ୍ପାଦକ ଗୁରୁ ତିମିରଷୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ନବ ବିବାହିତାଙ୍କ ମୃତଦେହ ଉଦ୍ଧାର

# ସ୍ୱାମୀ ସମେତ ୩ ଗିରଫ

**ଢେଙ୍କାନାଳ ଅଫିସ,୧୫।୧**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଧନିଆନାଳି ଗ୍ରାମରୁ ମଙ୍ଗଳବାର ଜଣେ ନବବିବାହିତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ ରଜନୀ ମୁଣ୍ଡା (୨୨)। ମୃତ ମହିଳାଙ୍କ ଭାଇ ଘନଶ୍ୟାମ ପୂର୍ତ୍ତିଙ୍କ ଅଭିଯୋଗକ୍ରମେ ନଂ. ୧୪/୧୯, ଦଫା ୪୯୮(ଏ), ୩୦୨ ଓ ୩୪ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ସ୍ୱାମୀ ରାଉତ ମୁଣ୍ଡା, ଶାଶୁ ଗୁରୁବାରୀ ମୁଣ୍ଡା, ଶ୍ୱଶୁର ଗୋରା ମୁଣ୍ଡାଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୪ମାସ ତଳେ ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ସରଧାପୁର ଗ୍ରାମର ରଜନୀଙ୍କ ବିବାହ ରାଉତଙ୍କ ସହ ହୋଇଥିଲା। ମଙ୍ଗଳବାର ସକାଳେ ତାଙ୍କ ମୃତ୍ୟୁ ସୂଚନା ପାଇ ପରିବାର ଲୋକେ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟା ବୋଲି ଘନଶ୍ୟାମ ହୃଦ୍‌ବୋଧ କରି ଥାନାରେ ଏତଲା ଦେଇଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଛି।

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

# ୬ ଶିଶୁ ହୃଦ୍‌ରୋଗୀଙ୍କ ସଫଳ ଅସ୍ତ୍ରୋପଚାର

**ଢେଙ୍କାନାଳ ଅଫିସ,୧୫।୧**

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସହାୟତାରେ ଢେଙ୍କାନାଳ ଜିଲାର ବିଭିନ୍ନ ବ୍ଲକରୁ ଚିହ୍ନଟ ହୋଇଥିବା ୬ ଶିଶୁ ହୃଦ୍‌ରୋଗୀଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହାପରେ ସମ୍ପୃକ୍ତ ଶିଶୁମାନେ ସ୍ୱାଭାବିକ ଜୀବନ ଜିଇଁପାରିବା ଆଶାସଞ୍ଚାର ହୋଇଛି। ଏ ନେଇ ଅଭିଭାବକମାନେ ଜିଲା ସ୍ୱାସ୍ଥ୍ୟ ସମିତିକୁ କୃତଜ୍ଞତା ଜଣାଇଛନ୍ତି।

ଜିଲାର ବିଭିନ୍ନ ସ୍ଥାନରୁ ୩୬ଜଣ ଜଟିଳ ହୃଦ୍‌ରୋଗ ଆକ୍ରାନ୍ତ ଶିଶୁଙ୍କୁ ଚିହ୍ନଟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଅହମଦାବାଦର ସତ୍ୟସାଇ ହୃଦୟ ଚିକିତ୍ସାଳୟରେ ସମ୍ପୃକ୍ତ ୬ଜଣଙ୍କ ଅସ୍ତ୍ରୋପଚାର କରାଯାଇଛ। ତନ୍ମଧ୍ୟରେ ହିନ୍ଦୋଳରୁ ୨, କାମାକ୍ଷାନଗରରୁ ୨, ସଦର ବ୍ଲକ ବେଲଟିକିରି ଅଞ୍ଚଳରୁ ଜଣେ ଏବଂ ଓଡ଼ାପଡ଼ାର ଜଣେ ଶିଶୁ ରହିଥିବା କାର୍ଯ୍ୟକ୍ରମର ନୋଡାଲ ଅଫିସର ଡା. ବିଦ୍ୟୁତ୍ କୁମାର ନନ୍ଦ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ରୂପକ ମହାପାତ୍ର, ପରିଚାଳକ ସୌମ୍ୟରଞ୍ଜନ ସାମନ୍ତରାୟ ପ୍ରମୁଖ ସୂଚନା ଦେଇଛନ୍ତି।

ସମ୍ପୃକ୍ତ ଶିଶୁମାନେ ଜାନୁୟାରୀ ୯ରେ ଡା. ଓମ୍‌ପ୍ରକାଶ ବରାଲଙ୍କ ନେତୃତ୍ୱରେ ଅହମଦାବାଦରେ ପହଞ୍ଚିଥିଲେ। ୧୦ ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞଙ୍କ ଦ୍ୱାରା ସେମାନଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ୧୩ ତାରିଖରେ ସେମାନେ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶିଶୁମାନଙ୍କ ଯାତାୟାତ, ରହିବା ଏବଂ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଣ୍ଠିରୁ ବହନ କରାଯାଇଥିବା ସିଡିଏମ୍‌ଓ ଡା. ପ୍ରତାପ କୁମାର ବେହେରା କହିଛନ୍ତି।


ଅସ୍ତ୍ରୋପଚାର ହୋଇ ଫେରିଥିବା ଶିଶୁମାନେ।

ପଶ୍ଚିମେଶ୍ୱର ମନ୍ଦିର ହୁଣ୍ଡିରୁ ଚୋରି ଘଟଣା

# ସେବାୟତ-ଗ୍ରାମବାସୀ ବିବାଦ ତେଜିଲା

**ଭାପୁର, ୧୫।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ପଶ୍ଚିମେଶ୍ୱର ଶୈବପୀଠ ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ପରେ ସେବାୟତ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ମଙ୍ଗଳବାର ଗଙ୍ଗାଧରପ୍ରସାଦ ଅଞ୍ଚଳବାସୀ ସେବାୟତଙ୍କୁ ମନ୍ଦିରରୁ ବାହାର କରି ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଫଳରେ ପୂର୍ବାହ୍ନ ୯ଟାରୁ ୩ ଘଣ୍ଟା ଧରି ଠାକୁରଙ୍କ ନୀତିକାନ୍ତି ହୋଇପାରି ନ ଥିଲା। ଶ୍ରଦ୍ଧାଳୁମାନେ ମଧ୍ୟ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଅନ୍ୟପଟେ ଗ୍ରାମବାସୀଙ୍କ ଏପରି କାର୍ଯ୍ୟର ପ୍ରତିବାଦ କରିଛନ୍ତି ସେବାୟତ ଗୋଷ୍ଠୀ। ମନ୍ଦିର ଗେଟ୍‌ରେ ତାଲା ପକାଯିବା ନେଇ ସେମାନେ ପୋଲିସ ଏବଂ ଦେବୋତ୍ତର ବିଭାଗକୁ ଅବଗତ କରାଇଥିଲେ। ଅପରାହ୍ନରେ ତହସିଲଦାର ଉଦୟନାଥ ମହାପାତ୍ର, ଦେବୋତ୍ତର ଅଧିକାରୀ ପ୍ରଦ୍ୟୁମ୍ନ ତ୍ରିପାଠୀ, ଏସ୍‌ଆଇ ରବୀନ୍ଦ୍ର ସାହୁ ପହଞ୍ଚି ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଅଧିକାରୀଙ୍କ ଉପସ୍ଥିତିରେ ସେବାୟତ ଏବଂ ଗ୍ରାମବାସୀଙ୍କୁ ନେଇ ତ୍ରିପାକ୍ଷିକ ବୈଠକ ବସିଥିଲା। ମନ୍ଦିର ପରିଚାଳନା କମିଟି ପୁନର୍ଗଠନ ଏବଂ ୧୦ ଦିନ ମଧ୍ୟରେ ସେବାୟତଙ୍କ ପାଉଣା ବିବାଦର ସମାଧାନ କରିବାକୁ ଦେବୋତ୍ତର ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପୋଲିସ କହିଛି। ଏହାପରେ ଠାକୁରଙ୍କ ନୀତି ସ୍ୱାଭାବିକ ହୋଇଥିଲା।

- ପୂଜକଙ୍କୁ ବାହାର କରି ମନ୍ଦିରରେ ତାଲା ଠୁଙ୍କିଲେ
- ୩ଘଣ୍ଟା ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ
- ତ୍ରିପାକ୍ଷିକ ବୈଠକରେ ସମାଧାନ ପ୍ରତିଶ୍ରୁତି

ଉଲ୍ଲେଖଯୋଗ୍ୟ, ପଶ୍ଚିମେଶ୍ୱର ଯାତ୍ରାରେ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରିତାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାତ୍ରା ପରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲା ଦେବୋତ୍ତର ବିଭାଗ। ଏହାକୁ ୨ ମାସ ବିତିଯାଇଥିବାବେଳେ ପ୍ରଶାସନିକ ଅବହେଳାରୁ ସମସ୍ୟା ବଢ଼ିବାରେ ଲାଗିଛି। ଏଥିରେ ଜିଲାପାଳ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




ଜାତୀୟ ବିଜ୍ଞାନ ନାଟକ ମହୋତ୍ସବ

# 'ହୋପ୍' ଆଣିଲା ଗୌରବ

**କାମାକ୍ଷାନଗର, ୧୫।୧(ଡି.ଏନ୍.ଏ.)**

ଜାତୀୟସ୍ତରରେ ପୁଣିଥରେ ଚର୍ଚ୍ଚାରେ ଢେଙ୍କାନାଳ। ଜାତୀୟ ବିଜ୍ଞାନ ନାଟକ ମହୋତ୍ସବରେ ପୂର୍ବ ଭାରତ ଜୋନ୍‌ରୁ ପ୍ରତିନିଧିତ୍ୱ କରୁଥିବା ନାଟକ 'ହୋପ୍: ଏ ସିମ୍ପଲ ସବ୍‌ମିଶନ' ଦିଲ୍ଲୀରେ ସାଉଁଟିଛି ଅଜସ୍ର ପ୍ରଶଂସା। ଏଥିଲାଗି ନାଟ୍ୟକାର ଦୀନେଶ ଦାସଙ୍କୁ ମିଳିଛି ଜାତୀୟସ୍ତରରେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଅଧୀନ ନ୍ୟାଶନାଲ କାଉନସିଲ ଅଫ୍ ସାଇନ୍ସ ମ୍ୟୁଜିୟମ୍ ଦ୍ୱାରା ଦିଲ୍ଲୀ ପ୍ରଗତି ମଇଦାନସ୍ଥିତ ଜାତୀୟ ବିଜ୍ଞାନ କେନ୍ଦ୍ର ଅଡିଟୋରିୟମ୍‌ରେ ଶନିବାର ଆୟୋଜିତ ଜାତୀୟ ବିଜ୍ଞାନ ନାଟକ ମହୋତ୍ସବରେ ତାଙ୍କୁ ଏହି ପୁରସ୍କାର ମିଳିଛି।

ଉକ୍ତ ପ୍ରତିଯୋଗିତାରେ ଦେଶର ୫ ଜୋନ୍‌ର ଚାମ୍ପିୟନ ଏବଂ ରନର୍ସ ଅପ୍ ହୋଇଥିବା ୫ ଦଳ ଭାଗ ନେଇଥିଲେ। ଏଥିରେ ସାମିଲ ହୋଇଥିଲେ 'ହୋପ୍: ଏ ସିମ୍ପଲ ସବ୍‌ମିଶନ'ର ଟିମ୍ ସଦସ୍ୟ। ନାଟକରେ ଅଭିନୟ କରିଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ୮ ଛାତ୍ରୀଛାତ୍ର ପୂର୍ବଭାରତକୁ ପ୍ରତିନିଧିତ୍ୱ କରିଥିଲେ। ଜାତୀୟ ନାଟ୍ୟ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଅମଲ ଆଲାନା, ଖ୍ୟାତନାମା ଅଭିନେତା, ନିର୍ଦ୍ଦେଶକ, ଲେଖକ ତଥା 'ଥ୍ରୀ ଇଡିଅଟ୍' ଚଳଚ୍ଚିତ୍ରର ସଂଳାପ ଲେଖକ ଅତୁଲ ତିୱାରୀ ଅତିଥି ଭାବେ ଯୋଗଦେଇ ନାଟ୍ୟକାର ଦୀନେଶ ଦାସଙ୍କୁ ପୁରସ୍କୃତ କରିଥିଲେ। ପଞ୍ଚାୟତିରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ନେତୃତ୍ୱରେ ନାଟ୍ୟକାର ଦୀନେଶ ଦାସ, ବିଜୟଲକ୍ଷ୍ମୀ ବିଶ୍ୱାଳ, ପ୍ରଜ୍ଞପ୍ତା ସାହୁ, ମନସ୍ୱିନୀ ବେହେରା, ସୋନାଲିନା ସାହୁ, ସମୀର ମହାପାତ୍ର, କାହ୍ନା ଡାକୁଆ, ଦୀପକ ସାହୁ, ସ୍ୱୟମ୍ ଶୁଭମ୍ ନନ୍ଦ, ଶିକ୍ଷୟିତ୍ରୀ ସୁମିତ୍ରା ଜେନା, ପରିଚାଳନା କମିଟି ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ସହାୟକା ରବି ନାରାୟଣ ରାଉତ ପ୍ରମୁଖ ଦିଲ୍ଲୀ ଯାତ୍ରା କରିଥିଲେ।

## ଦୀନେଶ ଦାସ ଶ୍ରେଷ୍ଠ ନିର୍ଦ୍ଦେଶକ


ନାଟ୍ୟକାର ଦୀନେଶ ଦାସଙ୍କୁ ପୁରସ୍କୃତ କରାଯାଉଛି।


"ଜାତୀୟ ବିଜ୍ଞାନ ନାଟକ ମହୋତ୍ସବରେ ପୂର୍ବ ଭାରତ ଜୋନରୁ ଲଗାତର ଦୁଇଥର ଚାମ୍ପିୟନ ହେବା ବୃହତ୍ ସଫଳତା। ଅନ୍ୟ ଡ୍ରାମା ତୁଳନାରେ ସାଇନ୍ସ ଡ୍ରାମାରେ କଳାକାରଙ୍କ ଲାଗି ଅନେକ ଚ୍ୟାଲେଞ୍ଜ ଥାଏ। ସମସ୍ତଙ୍କ ମିଳିତ ସମନ୍ୱୟରେ ଏହା ହାସଲ କରାଯାଇପାରିଛି। ହାଟ୍ରିକ୍ ଚାମ୍ପିୟନ ଲକ୍ଷ୍ୟ ନେଇ ଆଗାମୀ ବର୍ଷ ଲାଗି ପ୍ରସ୍ତୁତି ଆରମ୍ଭ କରିବାକୁ ଯଥାସାଧ୍ୟ ଉଦ୍ୟମ ଜାରି ରହିବ।

**-ଶ୍ରୀରାମ ରାଉତ, ପ୍ରଧାନ ଶିକ୍ଷକ**


"ବିଜ୍ଞାନ ନାଟକ ପ୍ରତିଯୋଗିତା ଲାଗି ମିଳୁଥିବା ପ୍ରୋତ୍ସାହନ ଯଥେଷ୍ଟ ନୁହେଁ। ଅଧିକ ପ୍ରୋତ୍ସାହନ ମିଳିଲେ ଏଥିଲାଗି ଆଗ୍ରହ ବଢ଼ନ୍ତା। ଅଦ୍ୟାବଧି ଓଡ଼ିଶା ପୂର୍ବଭାରତ ଡ୍ରାମାରେ ସଫଳତା ହାସଲ କରିପାରି ନ ଥିବାବେଳେ ଲାଗାତର ଢେଙ୍କାନାଳ ଜିଲାର ଗୋଟିଏ ସ୍କୁଲ ଜାତୀୟସ୍ତରରେ ଚାମ୍ପିୟନ ହେବା ନିଶ୍ଚିତ ଭାବେ ଗୌରବର ବିଷୟ।

**-ସୁଧାନନ୍ଦ ପରିଡ଼ା, ଡିଇଓ**

## ସଂକ୍ଷେପରେ

### ଶ୍ରୀ ଚୈତନ୍ୟ ଆଶ୍ରମରେ ମକରମେଳା

**ଭୁବନ, ୧୫।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମନ୍ଦାରସ୍ଥିତ ଶ୍ରୀ ଚୈତନ୍ୟ ଆଶ୍ରମରେ ସୋମବାର ଧୁମ୍‌ଧାମ୍‌ରେ ମକରମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାବାଜୀ ଦଶରଥ ବେହେରା ଆୟୋଜନ କରିଥିଲେ। ଭୋର୍ ସମୟରୁ ଶ୍ରୀଚୈତନ୍ୟଙ୍କ ପୂଜାର୍ଚ୍ଚନା ସହ ହୋମଯଜ୍ଞ ଏବଂ ହନୁମାନ ଚାଳିଶା ପାଠ କରାଯାଇଥିଲା। ସରପଞ୍ଚ ଦିଲୀପ କୁମାର ସାହୁ ପୌରୋହିତ୍ୟ କରିଥିବାବେଳେ ବନମାଳୀ ଦାସ, ଦୁଷ୍ମନ୍ତ ମଲ୍ଲିକ, ଲିଟୁ ଦାସ, ପ୍ରଭାକର ସାହୁ, ବିଜୟ ବେଜ, ଟୁଗୁଲି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶତାଧିକ ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ।

### ୭ଜଣଙ୍କୁ ମଧୁବାବୁ ପେନ୍‌ସନ

**ଭୁବନ, ୧୫।୧(ଡି.ଏନ୍.ଏ.):** ଭୁବନ ଏନ୍‌ଏସିର ୩ ସ୍ଥାନରେ ମଙ୍ଗଳବାର 'ପିଠା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ୭ଜଣଙ୍କୁ ମଧୁବାବୁ ପେନ୍‌ସନ, ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏଥିସହ ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡି କର୍ମୀଙ୍କୁ ମାନପତ୍ର ଦିଆଯାଇଥିଲା। ତହସିଲଦାର ଶକ୍ତିକାନ୍ତ ରାୟ, ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ, ପୂର୍ବତନ ଏନ୍‌ଏସି ଅଧକ୍ଷ ନନ୍ଦକିଶୋର ସାହୁ, ପୂର୍ବତନ ଉପାଧକ୍ଷ ମାୟଧର ସାହୁ ଅତିଥି ରୂପେ ଉପସ୍ଥିତ ଥିଲେ। ଅଜୟ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସେମିରେ ଭୁବନ

**ଭୁବନ, ୧୫।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ବ୍ଲକ ସୁରପ୍ରତାପପୁର ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆୟୋଜକ ସୁରପ୍ରତାପପୁର କ୍ରିକେଟ କ୍ଲବକୁ ହରାଇ ଭୁବନ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ସୁରପ୍ରତାପପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ ରନ୍ କରିଥିଲା। ପ୍ରଶାନ୍ତ ପରିଡ଼ା ସର୍ବାଧିକ ୪୦ ରନ୍ କରିଥିଲେ। ଜବାବରେ ଭୁବନ ୧୨.୫ ଓଭରରେ ୩ ଉଇକେଟ ବିନିମୟରେ ସହଜ ବିଜୟ ହାସଲ କରିଥିଲା। ୫୦ ରନ୍ କରିଥିବା ବାବୁ ବର୍ଦ୍ଧନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରଣଜିତ୍ ମିଶ୍ର, ଯୁଗଳ କିଶୋର ସାମଲ ମ୍ୟାଚ୍ ପରିଚାଳନା କରିଥିବାବେଳେ ନିରଞ୍ଜନ ବାହୁଲିଆ ଧାରାବିବରଣୀ ଦେଇଥିଲେ। ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ କାମାକ୍ଷାନଗର ଏବଂ ମାର୍ଥାପୁର ମଧରେ ଖେଳାଯିବ।

### କଂଗ୍ରେସର ପ୍ରସ୍ତୁତି ବୈଠକ

**ସାତମାଇଲ, ୧୫।୧(ଡି.ଏନ୍.ଏ.):** କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରାଇବାକୁ ସାତମାଇଲ ଡାକବଙ୍ଗଳାରେ ହିନ୍ଦୋଳ ବ୍ଲକ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଦିବାକର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ ବୈଠକରେ ବରିଷ୍ଠ କର୍ମୀ ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱ କରିଥିଲେ। ପଞ୍ଚାୟତସ୍ତରୀରୁ ୧୦୦ ଜଣ ଏବଂ ନିର୍ବାଚନ ମଣ୍ଡଳୀରୁ ୫୦୦୦ କର୍ମୀ ରାହୁଲଙ୍କ ସମାବେଶରେ ଯୋଗଦେବାକୁ ପ୍ରସ୍ତାବ ଦିଆଯାଇଛି। ବୈଠକରେ ଜୋନ୍ ସଭାପତି ମନୋଜ ମିଶ୍ର, ମନୋଜ ସାମଲ, ଦୁଷ୍ମନ୍ତ ଗଡ଼ନାୟକ, ଅମୀର ରାଉତ, ବରିଷ୍ଠ କର୍ମକର୍ତ୍ତା ଦାଶରଥି ରଥ, ପିସିସି ସଦସ୍ୟ ସୁବାସ ପାଳ ପ୍ରମୁଖ ଯୋଗଦେଇ ଦଳର ସଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ସାତମାଇଲ, ୧୫।୧(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ କୁକୁଟା ପଞ୍ଚାୟତ ଅଧୀନ ବସଲା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରାଣବନ୍ଧୁ ବେହେରା(୬୭)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ସ୍ନାୟୁଜନିତ ରୋଗରେ ପୀଡ଼ିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଅନ୍ତିମ ସମୟରେ ସ୍ତ୍ରୀ, ଝିଅପୁଅଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପ୍ରାଣବନ୍ଧୁ ଅନୁଗୋଳ, ଢେଙ୍କାନାଳ ଜିଲାର ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ପ୍ରଧାନ ଶିକ୍ଷକ ଭାବେ ୨୦୧୧ରେ ଅବସର ନେଇଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶିକ୍ଷା, ବିବାହ ଲାଗି ସହାୟତା

**ଢେଙ୍କାନାଳ ଅଫିସ,୧୫।୧**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

ଢେଙ୍କାନାଳ ଜିଲା ବିଭିନ୍ନ ବ୍ଲକର ହିତାଧିକାରୀଙ୍କୁ 'ପିଠା' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସହାୟତା ରାଶି ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ଅନ୍ଧତ୍ୱ ଦୂରୀକରଣ ଲାଗି ନୂତନ ଭାବେ ଆରମ୍ଭ ହୋଇଛି ସୁନେତ୍ର ଯୋଜନା ।

କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ପଞ୍ଚାୟତରେ ଶିକ୍ଷା ଲାଗି ୩ଜଣଙ୍କୁ ୫୭ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି କାଦୁଆ ପଞ୍ଚାୟତର ୩ଜଣଙ୍କୁ ୭୫ ହଜାର, ଓଡ଼ାପଡ଼ା ବ୍ଲକ ଇନ୍ଦିପୁରର ୬ଜଣଙ୍କୁ ୧ଲକ୍ଷ ୫୦ହଜାର, କାଣ୍ଡବିନ୍ଧାର ୪ଜଣଙ୍କୁ ୧ଲକ୍ଷ ଟଙ୍କା, ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତର ୬ଜଣଙ୍କୁ ଦେଢ଼ଲକ୍ଷ ଟଙ୍କା ବିବାହ ସହାୟତା ରାଶି ଦିଆଯାଇଥିବା ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ସୂଚନା ଦେଇଛନ୍ତି। ପୌରାଞ୍ଚଳ 'ପିଠା' କାର୍ଯ୍ୟକ୍ରମରେ ୪୦ଜଣଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା କାର୍ଡ, ୮୬ଜଣଙ୍କୁ ମଧୁବାବୁ ପେନ୍‌ସନ ଏବଂ ୨୩ଜଣ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଯନ୍ତ୍ରୀ ରଶ୍ମିତା ମିଶ୍ର, ଏଏନ୍‌ଏମ୍ ରେଖା ସିଂ ଉପସ୍ଥିତ ଥିଲେ। ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୌରାଞ୍ଚଳର ବି.ବି. ହାଇସ୍କୁଲ ଖେଳପଡ଼ିଆ, ମୁକ୍ତାଦେଇପୁର ଶାସନ ରାଧାକୃଷ୍ଣ ମନ୍ଦିର, ଓଭରବ୍ରିଜ୍ ପାର୍ଶ୍ୱ ଯାତ୍ରା ପଡ଼ିଆ, ମାଣ୍ଡବାସାହି ସ୍କୁଲ ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ସେହିପରି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌରସଂସ୍ଥା ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ 'ଆମ ସହର, ଆମ ଉନ୍ନତି' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଅତିରିକ୍ତ ସଚିବ ମଦନ ମୋହନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସୁନେତ୍ର ଯୋଜନାରେ ସବୁ ବୟସର ଜନସାଧାରଣ ଅନ୍ତର୍ଭୁକ୍ତ ହୋଇପାରିବେ। ବର୍ଷକୁ ଅତି କମ୍‌ରେ ଥରେ ବିନା ଦେୟରେ ଚକ୍ଷୁ ପରୀକ୍ଷା ସୁବିଧା ରହିଛି। ବୟସ୍କ ଲୋକଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ମାଗଣାରେ କରାଯିବ। ସେହିପରି ସମସ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଚକ୍ଷୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ।

## ଯୁବତୀଙ୍କୁ ଅସଦାଚରଣ, ଜଣେ ଗିରଫ

**ଭଣ୍ଡାରିପୋଖରୀ,୧୫।୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଥାନା ପିରିପୁର ଗ୍ରାମର ଜଣେ ଯୁବତୀ ତାଙ୍କ ଭିଣୋଇ ସାଙ୍ଗରେ ଚେକାସାଆନ୍ତାଣୀ ପୀଠରେ ମକରମେଳା ବୁଲି ଘରକୁ ଫେରୁଥିଲେ। ସୋମବାର ସନ୍ଧ୍ୟାରେ ପିରିପୁର କେନାଲ ବନ୍ଧ ଛକ ଠାରେ ଗ୍ରାମର ୨ ଯୁବକ ଅଶ୍ଲୀଳ ଇଙ୍ଗିତ କରିଥିଲେ। ଭିଣୋଇ ପ୍ରତିବାଦ କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଯୁବତୀ ଜଣଙ୍କ ଜୋରରେ ପାଟି କରିବାରୁ ବାଟରେ ଯିବା ଲୋକ ତାଙ୍କୁ ଉଦ୍ଧାର କରି ଜଣକୁ ଧରିଥିଲେ ଓ ଅନ୍ୟ ଜଣେ ଖସି ପଳାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବଳିଆ ଓରଫ ବିଷ୍ଣୁ ପୃଷ୍ଟିଙ୍କୁ ଧରି ଗିରଫ କରିଥିଲେ। ପ୍ରମୋଦ ମଲ୍ଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ଏନେଇ ଏକ ମାମଲା(ନଂ. ୬/୧୯) ରୁଜୁ କରିଛି।

## 'ଫାଷ୍ଟ ଷ୍ଟେଜ୍' ବିଦ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଅତିଥିମାନେ।

**ଭୁବନ, ୧୫।୧(ଡି.ଏନ୍.ଏ.)**

କଳାକାରଙ୍କୁ ପ୍ରୋତ୍ସାହିତ କରାଇବାକୁ ଭୁବନରେ ଖୋଲିଛି ନୃତ୍ୟ ଏବଂ କଳାଭିତ୍ତିକ ଶିକ୍ଷାନୁଷ୍ଠାନ 'ଫାଷ୍ଟ ଷ୍ଟେଜ୍'। ଦିଲୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ପି ସନ୍ତୋଷ କୁମାର ନାୟକ ଯୋଗଦେଇ କହିଲେ, ଅଞ୍ଚଳର କଳାକାର ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ପ୍ରତିଭା ପ୍ରଦର୍ଶନ କରି ସୁନାମ ଆଣିଛନ୍ତି। ଏହି ବିଦ୍ୟାଳୟ ପ୍ରତିଭାଙ୍କୁ ନୂଆ ଦିଶା ଦେଖାଇବାରେ ସହାୟକ ହେବ।

ମୁଖ୍ୟବକ୍ତା ଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଟ୍ରକ୍ ମାଲିକ ସଂଘ ସଭାପତି ଶତ୍ରୁଘ୍ନ ଜେନା, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ପିତା କର, ଲିପ୍‌ସା ମିଶ୍ର, ନିର୍ଦ୍ଦେଶକ ମହେଶ ହାଜ୍‌ରା, ଦେବଜ୍ୟୋତି ପାତ୍ର, କୋଣାର୍କ ଗଣନାଟ୍ୟ ପ୍ରତିଷ୍ଠାତା ଭାରତଭୂଷଣ ଦେଓ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଙ୍ଗ ଓଡ଼ିଶୀ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସଙ୍କ ଓଡ଼ିଶୀ ନୃତ୍ୟ ମନ ମୋହିଥିଲା। ସେହିପରି ସ୍କୁଲରେ ନାମ ଲେଖାଇଥିବା କଳାକାରମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରାଇଥିଲେ। ଯାତ୍ରା ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର, ଫାଷ୍ଟଷ୍ଟେଜ୍‌ର ନିର୍ଦ୍ଦେଶକ ବିନୋଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଜ୍ୟୋତିଷ ସାହୁ, ପ୍ରମୋଦ ପଲେଇ, ମନୋରମା ମୈତ୍ରୀ ଏଥିରେ ସହଯୋଗ କରିଥିଲେ। ୨୦୦୦ରୁ ଊର୍ଦ୍ଧ୍ୱ କଳାକାର ଏବଂ କଳାପ୍ରେମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଅତିଥିମାନେ।

**ହିନ୍ଦୋଳ, ୧୫।୧(ଡି.ଏନ.ଏ.)**

ହିନ୍ଦୋଳ ଏନ୍‌ଏସି ୪ନଂ. ୱାର୍ଡସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥିଭାବେ ଏନ୍‌ଏସି ଅଧକ୍ଷା ରୀନା ବେହେରା, ମୁଖ୍ୟବକ୍ତା ସହକାରୀ ଜିଲାପାଳ ସଂଯୁକ୍ତା ସ୍ୱାଇଁ, ସମ୍ମାନିତ ଅତିଥି କବି ଶ୍ରୀଧର ମହାରଣା, ସରପଞ୍ଚ ସଂଘ ସମ୍ପାଦକ ବିଶ୍ୱେଶ୍ୱର ସେଠୀ, ଅନୁଷ୍ଠାନର ଅଧକ୍ଷ ବିଜୟ କୁମାର ଦାସ ମଞ୍ଚାସୀନ ଥିଲେ। ଆଦର୍ଶବାନ, ଚରିତ୍ରବାନ ହୋଇ ଶିକ୍ଷା ଗ୍ରହଣରେ ମନଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶରତ କୁମାର ମହାରଣା ଏହାକୁ ସଂଯୋଜନା କରିଥିଲେ। ଶେଷରେ ବିଦ୍ୟାଳୟ ପ୍ରିନ୍ସିପାଲ ଏଲି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ, ଅଭିଭାବକ ଏବଂ ଅଞ୍ଚଳବାସୀ ଯୋଗ ଦେଇଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

**ରୂପସା,୧୫।୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ ପୋଖରୀସାହି ଗ୍ରାମର ହେମଲତା ଦାସ ନାମ୍ନୀ ମହିଳାଙ୍କୁ ତାଙ୍କ ସ୍ୱାମୀ ତୁଫାନ ସୋମବାର ରାତିରେ କଟୁରିରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ପୋଲିସ ମଙ୍ଗଳବାର ଅଭିଯୁକ୍ତ ସ୍ୱାମୀ ତୁଫାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୪/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ସେ ପତ୍ନୀଙ୍କ ମୁଣ୍ଡକୁ ହାଣି ହତ୍ୟା ଉଦ୍ୟମ କରିଥିବା ହେମଲତାଙ୍କ ମା' ଏତଲାରେ ଦର୍ଶାଇଛନ୍ତି। ଗୁରୁତର ଅବସ୍ଥାରେ ହେମଲତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ମନେପକାଇଲେ ଯବାନଙ୍କ ବୀରତ୍ୱ ଗାଥା


ସେନାଦିବସରେ ଏକାଠି ହୋଇଥିବା ଅବସରପ୍ରାପ୍ତ କର୍ମଚାରୀମାନେ।

**ସାତମାଇଲ, ୧୫।୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ସାତମାଇଲଛକରେ ସେନାଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କଲୋନେଲ୍ ଅନନ୍ତଚରଣ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଞ୍ଚଳରୁ ୧୦୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ସୈନ୍ୟ ଉପସ୍ଥିତ ରହି କର୍ମକ୍ଷେତ୍ରର ସ୍ମୃତିଚାରଣ କରିଥିଲେ। ଏଥିସହ ଶହୀଦ ଯବାନଙ୍କ ବୀରତ୍ୱ ଗାଥା ବଖାଣିଥିଲେ। ଏହି ଅବସରରେ ପ୍ରଥମେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୧୯୪୯ ଜାନୁୟାରୀ ୧୫ରୁ ଏହି ଦିବସ ପାଳିତ ହୋଇ ଆସୁଛି। ଫିଲ୍ଡ ମାର୍ଶଲ କେ. ଏମ୍. କାରିଆପ୍ପା ଏହାର ଆରମ୍ଭ କରିଥିବା ସୂଚନା ଦିଆଯାଇଥିଲା। ଶେଷରେ ହିନ୍ଦୋଳ ମାଟିର ବିକାଶ ଲାଗି ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଗଙ୍ଗାସାଗରରେ ବୁଡ଼ ପକାଇଲେ ୩୫ଲକ୍ଷ ଶ୍ରଦ୍ଧାଳୁ

**ପ୍ରଦୀପ ଦାସ**
**ଭୋଗରାଇ,୧୫।୧**

### ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି


ଗଙ୍ଗାସାଗରରେ ଶଙ୍କରାଚାର୍ଯ୍ୟଙ୍କ ଗଙ୍ଗା ଆରାଧନା ଓ ମକର ବୁଡ଼।

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପ ଗଙ୍ଗାସାଗରରେ ୩୫ ଲକ୍ଷ ଶ୍ରଦ୍ଧାଳୁ ମଙ୍ଗଳବାର ମକରବୁଡ଼ ପକାଇଛନ୍ତି। ଗଙ୍ଗାସାଗର ସଙ୍ଗମ ସ୍ଥଳରେ ଅସଂଖ୍ୟ ଶ୍ରଦ୍ଧାଳୁ ପୁଣ୍ୟସ୍ନାନ କରି ପ୍ରସିଦ୍ଧ କପିଳମୁନି ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ମେଳାରେ ବିଭିନ୍ନ କାରଣରୁ ୪ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିବାର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମୃତ୍ୟୁ ହୋଇଥିବା ୪ଜଣଙ୍କ ମଧରୁ ମଧ୍ୟପ୍ରଦେଶର ୨ଜଣ ଓ ଉତ୍ତରପ୍ରଦେଶର ୨ଜଣ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଭାରତ ସେବାଶ୍ରମ ସଂଘ, କପିଳମୁନି ଆଶ୍ରମ, ଶଙ୍କରାଚାର୍ଯ୍ୟ, ଓଁକାରନାଥ, ନିଗମାନନ୍ଦ ଆଶ୍ରମ, ଇସ୍କନ ଭଳି ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ଅନୁଷ୍ଠାନରେ ତୀର୍ଥଯାତ୍ରୀମାନେ ଆଶ୍ରୟ ନେବା ସହିତ ମାଗଣା ଭୋଜନ ଖାଇଥିଲେ। ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଏହି ମେଳାରେ ୪ଜଣ ମନ୍ତ୍ରୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ମେଳା ସୁପରିଚାଳନା ଦାୟିତ୍ୱରେ ଥିଲେ। ମେଳାରେ ଅଦ୍ୟାବଧି ବିଭିନ୍ନ ରାଜ୍ୟର ୧୦ଜଣ ନିଖୋଜ ଥିବାବେଳେ ୫୦ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ୩୭ଜଣ ରୋଗୀ ଅଦ୍ୟାବଧି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୁରୀ ଗୋବର୍ଦ୍ଧନପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମଙ୍ଗଳବାର ଆଦିତ୍ୟବାହିନୀ ସହିତ ସମୁଦ୍ରରେ ବୁଡ଼ ପକାଇଛନ୍ତି।

**■ନିକିତା ମୃତ୍ୟୁ ମାମଲା**

## ସମୟ ମାଗିଲେ ଶାଶୁ, ଶ୍ୱଶୁର

**କଟକ ଅଫିସ, ୧୫।୧**

ଅଭିନେତ୍ରୀ ନିକିତା ମୃତ୍ୟୁ ମାମଲାକୁ ନେଇ ଚାଉଳିଆଗଞ୍ଜ ପୋଲିସ ତାଙ୍କ ଶାଶୁ କୁନ୍ତଳା ସାହୁ ଓ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ ବିରୋଧରେ ରବିବାର ଲଟ୍‌କା ଜାରି କରିଥିଲା। ପୋଲିସ ତାଙ୍କ ଘରକୁ ଦୁଇଥର ଯାଇଥିଲେ ମଧ ସେମାନେ ଘରେ ନ ଥିବାରୁ ଖାଲି ହାତରେ ଫେରିଥିଲା। ପୋଲିସ ଲଟ୍‌କା ଜାରି କରିବା ପରେ ବୁଧବାର କୁନ୍ତଳା ଓ ଲିଙ୍ଗରାଜ ଥାନାକୁ ଚିଠି ପଠାଇ ହାଜର ହେବାକୁ ଅଧିକ ସମୟ ମାଗିଛନ୍ତି। ଚିଠିରେ ଦର୍ଶାଇଛନ୍ତି ଯେ, ଏବେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ଅଛି। ତେଣୁ ଥାନାରେ ହାଜର ହେବାକୁ ଆଉ ୧୫ ଦିନ ସମୟ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ନେଇ ଥାନାଧିକାରୀ ଅଜୟ ଦାସ କହିଛନ୍ତି, କୌଣସି ଚିଠି ହସ୍ତଗତ ହୋଇନାହିଁ।

## ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅତିଥିମାନେ।

**ରାସୋଳ, ୧୫।୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଜରଡ଼ାସ୍ଥିତ ନବପଲ୍ଲୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରସନ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆସନ୍ତା ମେ' ମାସରେ ଉତ୍ସବ ପାଳନ କରାଯିବ। ଜାନୁୟାରୀ ୨୬ରେ ଅନ୍ୟ ଛାତ୍ରୀଛାତ୍ରଙ୍କୁ ନେଇ ଜୟନ୍ତୀ ପାଳନର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମୀରଣ ପ୍ରଧାନ, ଶଶଧର ବିଶ୍ୱାଳ, ସୁବାସ ଚନ୍ଦ୍ର ପତି, ଦେବରାଜ ପତି, ସୁମନ୍ତ ସାହୁ, ବିମଳ ସାହୁ, ନିରଞ୍ଜନ ବେହେରା, ପ୍ରସନ୍ନ ପାଳ, ମଧୁସୂଦନ ମହାରଣା, ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଅନୁଗୋଳ ଜିଲା ମହୋତ୍ସବ ଝଲକ


ମଞ୍ଚରେ ରୋମାଞ୍ଚ ଭରିଥିବା ପ୍ରିନ୍ସ ଡ୍ୟାନ୍ସଗ୍ରୁପର କଳାକାରମାନେ।


ଏକ ଷ୍ଟଲରେ ଯୁବତୀମାନେ ପୋଷାକ ଦେଖୁଛନ୍ତି।


ସେଲ୍‌ଫି କର୍ଣ୍ଣରରେ ସଚେତନତା।


ପୁରୀରୁ ଆସିଥିବା କଳାକାରମାନଙ୍କ ଗୋଟିପୁଅ ନୃତ୍ୟ।

**ସଂକ୍ଷେପରେ**

## ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା



**ଅନୁଗୋଳ ଅଫିସ, ୧୫।୧:** ଅନୁଗୋଳ ଜିଲାର ସାହିତ୍ୟିକ ଧୀରେନ ମିଶ୍ର ଓ ପୁରୁଷୋତ୍ତମ ସିଂସାମନ୍ତ କଟକ ଜିଲା ଫକୀରମୋହନ ସ୍ମୃତି ସଂସଦ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ମକର ସଂକ୍ରାନ୍ତି ଓ ଫକୀର ମୋହନ ଜୟନ୍ତୀ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ କବି ଧୀରେନ ମିଶ୍ରଙ୍କୁ ଫକୀର ମୋହନ ସାହିତ୍ୟ ସମ୍ମାନ ଓ କବି ପୁରୁଷୋତ୍ତମ ସିଂ ସାମନ୍ତଙ୍କୁ କୃତୀ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଛି। ଆକାଶବାଣୀ କଟକ କେନ୍ଦ୍ରର ବୟୋଜ୍ୟେଷ୍ଠ କଥାଶିଳ୍ପୀ ନଦୀୟା ବିହାରୀ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୁସେନ ରବି ଗାନ୍ଧୀ, କବି ମାଧବ ଚନ୍ଦ୍ର ସ୍ୱାଇଁ ଓ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଦୁଇ ସାହିତ୍ୟିକଙ୍କୁ ସମ୍ମାନିତ କରିଥିଲେ। ଜିଲାର ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷ ଦୁଇ କବିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜରଡ଼ା ଫାଇନାଲରେ

**ବଇଣ୍ଡା,୧୫।୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ସାପଘରା ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ସାପଘରା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ୟ ସେମିଫାଇନାଲରେ ବଇଣ୍ଡା କ୍ରିକେଟ କ୍ଲବକୁ ହରାଇ ଜରଡ଼ା କ୍ଲବ ବିଜୟୀ ହୋଇଛି। ପ୍ରଥମେ ଜରଡା ବ୍ୟାଟିଂ କରି ୧୩୭ ରନ କରିଥିଲା। ଜବାବରେ ବଇଣ୍ଡା ୯୧ ରନ କରି ପରାସ୍ତ ହୋଇଥିଲା।

## ଭ୍ୟାନ୍ ଧକ୍କାରେ ୩ ଗୁରୁତର

**ବଡ଼ସାହି,୧୫।୧(ସ୍ୱ.ପ୍ର):** ବଡ଼ସାହି ଥାନା ଅଧୀନ ବଡ଼ସାହି-ବୈଦ୍ୟପୁର ରାସ୍ତାର ଛେଳିଆ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଭ୍ୟାନ ଧକ୍କାରେ ସାଇକେଲ ଆରୋହୀ ସମେତ ୩ ଗୁରୁତର ଆହତ ହୋଇଛନ୍ତି । ଗୁରୁତରମାନେ ହେଲେ ଘୁଷୁରିଆ ଗ୍ରାମ ଶୁକ୍ରା ସିଂଙ୍କ ଝିଅ ସାଗର(୧୭), ପତ୍ନୀ ସୋମବାରୀ(୩୮) ଏବଂ ଧାନପୋତା ଗ୍ରାମର ସାଇକେଲ ଆରୋହୀ ରାଜୁ ମାଝୀ(୩୧) ।

# ଧାନ ଓଜନରେ ଠକେଇ, ମଣ୍ଡିରେ ଉତ୍ତେଜନା



ଚାଷୀମାନେ ଓଜନ ମେଶିନ ଠିକ୍ ନ ଥିବା ଅଭିଯୋଗ କରୁଛନ୍ତି।

**ଛେଣ୍ଡିପଦା,୧୫।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ପାତ୍ରପଡା ସମବାୟ ଅଫିସଠାରେ ମଙ୍ଗଳବାର ଖୋଲାଯାଇଥିବା ଧାନ ମଣ୍ଡିରେ ଓଜନରେ ଠକେଇ ଅଭିଯୋଗ ନେଇ ଉତ୍ତେଜନା ଦେଖାଦେଇଥିଲା। ଘଟଣାରୁ ଜଣାପଡିଛି, ପାତ୍ରପଡା ଧାନ ମଣ୍ଡିରେ ଓଜନ ପାଇଁ ୨ଟି ମାପ ଓଜନ କଣ୍ଟା ବ୍ୟବହାର କରାଯାଉଥିବାବେଳେ ଗୋଟିଏ କଣ୍ଟାରେ କୁଇଣ୍ଟାଲ ପିଛା ୩ରୁ ୪କେ.ଜି. କମୁଥିବା ଚାଷୀମାନେ ଜାଣିବାକୁ ପାଇଥିଲେ। ଏହାପରେ ଚାଷୀମାନେ ମିଲରଙ୍କୁ ଓଜନ ବନ୍ଦ କରିବାକୁ କହିଥିଲେ। କିନ୍ତୁ କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରିବାରୁ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ଧାନ ମଣ୍ଡିକୁ ବନ୍ଦ କରି ଦେଇଥିଲେ। ଏ ସମ୍ପର୍କରେ ଧାନ କିଣୁଥିବା ମିଲ୍ କର୍ମଚାରୀ କହିଛନ୍ତି, ଉକ୍ତ ମାପ ଓଜନ କଣ୍ଟା ଆର୍‌ଏମ୍‌ସି ପକ୍ଷରୁ ଆମକୁ ଯୋଗାଇ ଦିଆଯାଇଛି। ଏଥିରେ ତ୍ରୁଟି ଥିଲେ ଆମେ କ'ଣ କରିପାରିବୁ। ଏଥିରୁ ବିଭାଗୀୟ ଅଧିକାରୀ ଓ ମିଲରଙ୍କ ମଧ୍ୟରେ ଥିବା ଗୁପ୍ତ ବୁଝାମଣା ପଦାକୁ ଆସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ଛେଣ୍ଡିପଦା,୧୫।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ୍ ସଦର ମହକୁମାରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବ୍ଲକ୍ ସଭା ଗୃହରେ ବିଡିଓ ରୋମାଞ୍ଚଳ ଖମାରୀଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାମଧୁନ, ପ୍ରଭାତଫେରି ପରେ ୯ଟାରେ ମିନିଷ୍ଟାଡିୟମ ଠାରେ ପତାକା ଉତ୍ତୋଳନ କରାଯିବ। ପରେ ପରେଡର ଆୟୋଜନ କରାଯିବ। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମିଷ୍ଟାନ୍ନ ବଣ୍ଟନ ଆଦି କାର୍ଯ୍ୟକ୍ରମ ମାନ କରାଯିବ। ବ୍ଲକ ମତ୍ସ୍ୟ ଅଧିକାରୀ ପ୍ରହଲ୍ଲାଦ ସେଠୀ ଓ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ସାହୁଙ୍କ ପରିଚାଳନାରେ ବୈଠକରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଏବିଡିଓ ଦିଲୀପ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ଯାଦବାନନ୍ଦ ସାହୁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।






# ଭଡ଼ା ଆଣିବାକୁ ଯାଇ ବୃଦ୍ଧ ମୃତ, ବୃଦ୍ଧା ମେଡିକାଲରେ

**ଛେଣ୍ଡିପଦା/ ପାଲଲହଡ଼ା,୧୫ା୧ (ସ୍ୱ.ପ୍ର.)**



ଉପଖଣ୍ଡ ମେଡିକାଲରେ ଚିକିତ୍ସାଧୀନ ଚନ୍ଦ୍ରୀ।

ଭଡ଼ା ଆଣିବାକୁ ଯାଇଥିବା ବେଳେ ମଙ୍ଗଳବାର ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଚନ୍ଦନନଗର ଅଞ୍ଚଳର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେହିପରି ପାଲଲହଡ଼ା ବ୍ଲକ ଭୀମକାଣ୍ଡ ଗ୍ରାମର ଜଣେ ବୃଦ୍ଧା ସଂଜ୍ଞାହୀନ ହୋଇ ଏବେ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, କୋଶଳା ଚନ୍ଦନନଗର ଅଞ୍ଚଳର ଅଭିମନ୍ୟୁ ବେହେରା ଭଡ଼ା ଆଣିବାକୁ ଯାଇଥିଲେ। ସେଠାରୁ ସାଇକେଲରେ ଫେରୁଥିବା ବେଳେ ଗାଁ ଛକଠାରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ ନଂ.୨୦/୧୯ରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ସେହିପରି ପାଲଲହଡ଼ା ବ୍ଲକ ବଡ଼ିସୁଆଁ ପଞ୍ଚାୟତ କାର୍ଯ୍ୟାଳୟକୁ ଭଡ଼ା ପାଇଁ ଯାଇଥିବା ଭୀମକାଣ୍ଡ ଗ୍ରାମର ଚନ୍ଦ୍ରୀ ସିଂ କୁନ୍ତୀଆ (୬୮) ହଠାତ୍ ସେଠାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ସେ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ଖସି ପଡ଼ିଥିଲେ। ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଗ୍ରାମର କେତେଜଣ ଯୁବକ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି।

# ଘର ଭାଙ୍ଗିଲା, ଫସଲ ନଷ୍ଟ କଲା

**ଛେଣ୍ଡିପଦା,୧୫ା୧(ସ୍ୱ.ପ୍ର.)**

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ ପାଟକମୁଣ୍ଡା ପଞ୍ଚାୟତରେ ସୋମବାର ହାତୀ ଉପଦ୍ରବ ଲୋକଙ୍କ ଚିନ୍ତାର କାରଣ ହୋଇଛି। ବିଳମ୍ବିତ ରାତିରେ ଏକ ମାଈହାତୀ ଦେବଗଡ ଜିଲା ଚଡେଇମରା ଦେଇ ପାଟକମୁଣ୍ଡା ପଞ୍ଚାୟତର ତେବୁଡ ଗ୍ରାମରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଶ୍ୟାମସୁନ୍ଦର ସାହୁଙ୍କ ଘର କାନ୍ଥ ଭାଙ୍ଗି ଦେବା ସହ ଧାଙ୍ଗୁରୁମୁଣ୍ଡା ଗ୍ରାମରେ ପଞ୍ଚାନନ ସାହୁଙ୍କ ଖଳାରେ ଥିବା ୬୦୦ରୁ ଊର୍ଦ୍ଧ୍ୱ ଧାନ ବିଡା ଖାଇ ନଷ୍ଟ କରିଥିଲା। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ହାତୀ ସ୍କ୍ୱାଡ୍ ପହଞ୍ଚି ଘଉଡାଇ ଥିଲେ। ସୂଚନାଯୋଗ୍ୟ, ଉକ୍ତ ହାତୀଟି ଜରପଡା ବନାଞ୍ଚଳର ବାଲିପଟା, କୋରଡା, ଦୁର୍ଗାପୁର, କତଡା, ଉଗି, ପରା ଆଦି ପଞ୍ଚାୟତରେ ୨ ମାସ ଧରି ଉପଦ୍ରବ ଚଳାଇଥିଲା। ୬ ମାସରୁ ଊର୍ଦ୍ଧ୍ୱ ହେବ ନରହନ୍ତା ଦନ୍ତା ଯିବା ପରେ ମାଈ ହାତୀଟି ଗୋଠଛଡା ହୋଇ ଗ୍ରାମାଭିମୁଖୀ ହୋଇଛି।

# ଶିଳ୍ପ କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ଆନ୍ଦୋଳନ

**କଣିହାଁ,୧୫ା୧(ଡି.ଏନ.ଏ.)**

କଣିହାଁ ବ୍ଲକର ବହୁ ବାସିନ୍ଦା ଶିଳ୍ପ, ଖଣି, କାରଖାନାରେ ଜମି ହରାଇଛନ୍ତି। ହେଲେ ଉନ୍ନତି ପରିବର୍ତ୍ତେ ସେମାନଙ୍କ ସମସ୍ୟା ବଢ଼ି ଚାଲିଛି। ଏହାର ପ୍ରତିବାଦ ସହ ସ୍ଥାନୀୟ କ୍ଷତିଗ୍ରସ୍ତ ପ୍ରଜା ଓ ଅଞ୍ଚଳବାସୀଙ୍କୁ ପ୍ରଦୂଷଣ ସମସ୍ୟାରୁ ମୁକ୍ତି ଏବଂ ଅନ୍ୟାନ୍ୟ ଦାବିରେ ପାଲଲହଡ଼ା ବିଧାୟକ ମହେଶ ସାହୁଙ୍କ ଆହ୍ୱାନରେ ବିଜେଡି କର୍ମୀମାନେ ମଙ୍ଗଳବାର ଆନ୍ଦୋଳନ କରିଛନ୍ତି। ସେମାନେ ଜେଆଇଟିପିଏଲ ପ୍ରକଳ୍ପକୁ କୋଇଲା ପରିବହନ ହେଉଥିବା ଟାକୁଆ ରାସ୍ତା ଓ ଏନ୍‌ଟିପିସି ପ୍ରକଳ୍ପକୁ ଟ୍ରେନ ଦ୍ୱାରା ପରିବହନ ହେଉଥିବା ନୂଆଁ ବଲଣ୍ଡା ରେଳ ଲାଇନଠାରେ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ଦୁଇ ପ୍ରକଳ୍ପକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଛି। ଦାବିପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ମିଡିଆ ସେଲ୍ ସଭ୍ୟ ନିର୍ମଳ ସାହୁ କହିଛନ୍ତି।

# ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ କର

**ବଇଣ୍ଡା,୧୫ା୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପେଡିପଥର ପଞ୍ଚାୟତ ଖାରବଇଣ୍ଡା ନିକଟରେ ସୋମବାର ଭାଜପାର ଉପଖଣ୍ଡସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ମଣ୍ଡଳ ସମ୍ପାଦକ ଧୂର୍ବଚରଣ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଭାଗିରଥୀ ପ୍ରଧାନ ଯୋଗ ଦେଇ ସଙ୍ଗଠନକୁ ମଜଭୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଡ. ଅଲେଖ ପ୍ରଧାନ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ରାଜେନ୍ଦ୍ର ସାହୁ, ଜାମୁନାଳୀ ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ